ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ଜନଜାଗରଣ କାର୍ଯ୍ୟକ୍ରମ

ଆଜିଠୁ ଜିଲ୍ଲାସ୍ତରୀୟ ବିକାଶ ମେଳା -୨୦୨୫

ଖୋର୍ଦ୍ଧା (ଅମୃତ ମିଡିଆ) : ଓଡ଼ିଶା ସରକାରଙ୍କ ଏକବର୍ଷ ଶାସନ ପୂର୍ତ୍ତି ଉପଲକ୍ଷେ ଆସନ୍ତା କାଲି ଜୁନ ୧୨ ତାରିଖରୁ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମା ହାବେଲି ପଡ଼ିଆରେ ବିକାଶ ମେଳା ଓ ପାରମ୍ପାରିକ ଖାଦ୍ୟ ମେଳା-୨୦୨୫ ଅନୁଷ୍ଠିତ ହେବ। ଏହି ଜନଜାଗରଣ ତଥା ସଚେତନତା କାର୍ଯ୍ୟକ୍ରମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ମଧ୍ୟ ଅନୁଷ୍ଠିତ ହେବ। ଜୁନ ୧୨ ତାରିଖ ପୂର୍ବାହ୍ନ ୧୦ ଘଟିକା ମହାତ୍ମାଗାନ୍ଧୀ ମାର୍ଗ, ଖାରବେଳ ନଗର, ଭୁବନେଶ୍ୱର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିକାଶ ବାହନ ଗୁଡ଼ିକର ଶୁଭାରମ୍ଭ ହେବ। ପରୋକାନ୍ତେ ଅପରାହ୍ନ ୫ ଘଟିକା ସମୟରେ ଖୋର୍ଦ୍ଧା ହାବେଲୀ ପଡ଼ିଆରେ ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳାର ଶୁଭ ଉଦ୍ଘାଟନ, ଯୋଗ୍ୟ ହିତାଧିକାରୀଙ୍କୁ ପେନସନ କାର୍ଡ, ଶ୍ରମ କାର୍ଡ, ରାସନ କାର୍ଡ ବଣ୍ଟନ ହେବ ଷ ୧୩ ତାରିଖରେ ଅପରାହ୍ନ ୪ ଘଟିକା ସମୟରେ ହାବେଲୀ ପଡିଆଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ମହିଳା ପ୍ରତିଯୋଗୀ ଓ ଉତ୍କୃଷ୍ଟ ଗୋଷ୍ଠୀ ମାନଙ୍କୁ ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁନ ୧୪,୧୫ ଏବଂ ୧୬ ତାରିଖ ରେ ଓଡ଼ିଶାର ପାରମ୍ପାରିକ ରଜ ପର୍ବ ପଡୁଥିବାରୁ, ଉକ୍ତ ଦିନ ମାନଙ୍କରେ ସକାଳ ୧୧ ଘଟିକା ସମୟରେ ରଜପର୍ବ ପାଳନ ଏବଂ ଅପରାହ୍ନ ୪ ଘଟିକାରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ ଓ ସନ୍ଧ୍ୟା ୬ ଘଟିକା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁନ ୧୭ ତାରିଖରେ ୧୧ ଘଟିକା ସମୟରେ ଭୁବନେଶ୍ୱରଠାରେ ବିକଶିତ ଖୋର୍ଦ୍ଧା ବିକଶିତ ଓଡ଼ିଶା ଉପରେ ବୌଦ୍ଧିକ ଆଲୋଚନା, ଅପରାହ୍ନ ୪ଘଟିକା ସମୟରେ ହାବେଲି ପଡିଆ, ଖୋର୍ଦ୍ଧାଠାରେ ଉତ୍କୃଷ୍ଟ କୃଷକ ମାନଙ୍କୁ ସମ୍ବର୍ଦ୍ଧନା, କୃଷିବିଭାଗ ଅଧିନସ୍ଥ ଯୋଜନାର ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଏବଂ ସନ୍ଧ୍ୟା ୬ ଘାଟିକାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୮ ତାରିଖରେ ଅପରାହ୍ନ ୪ଘଟିକା, ୫ଘଟିକା, ସଂଧ୍ୟା ୬ଘଟିକା ଓ ସଂଧ୍ୟା ୭ଘାଟିକାରେ ଯଥାକ୍ରମେ ମାଟ୍ରିକ ପରୀକ୍ଷାରେ ଇ୧ ପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା, ଆଦିବାସୀ ଶକ୍ତି ଦିବସ ପାଳନ (ଧରତୀ ଆବା ଜନଯାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ), ଡ୍ରାମା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହଣ୍ଡେଲି ପଡ଼ିଆରେ ଅନୁଷ୍ଠିତ ହେବ। ଜୁନ ୧୯ ତାରିଖରେ ଅପରାହ୍ନ ୪ଘଟିକା ଓ ସନ୍ଧ୍ୟା ୬ ଘାଟିକାରେ ଯଥାକ୍ରମେ ଓଡ଼ିଆ ଗୁଣାତ୍ମକ ଚଳଚ୍ଚିତ୍ର ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୦ତାରିଖ ଅପରାହ୍ନ ୪ଘଟିକା, ୫ଘଟିକା, ସଂଧ୍ୟା ୬ଘଟିକା ଓ ୭ଘଟିକା ସମୟରେ ଯଥାକ୍ରମେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ, ନାଟକ ପ୍ରଦର୍ଶନ, ପୁରସ୍କାର ବିତରଣ ଓ ବିକାଶ ମେଳାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଜୁନ ୨୧ତାରିଖରେ ସକାଳ ୬ଘଟିକା ସମୟରେ ଆନ୍ତର୍ଜାତୀୟ ଯୋଗ ଦିବସ ତଥା ଯୁବା ଦିବସ ପାଳନ ଓ ସଫଳ ଛାତ୍ର ଛାତ୍ରୀ ତଥା ଯୁବା ମାନଙ୍କୁ ହଣ୍ଡେଲୀ ପଡ଼ିଆରେ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏଣୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଜନ ସାଧାରଣ ଜୁନ ୧୨ ତାରିଖରୁ ଜୁନ ମାସ ୨୧ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଏହି ବିକଶିତ ମେଳାର ଅଂଶୀଦାର ହୋଇ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ଲୋକାଭିମୁଖୀ ଯୋଜନାର ମୁଖ୍ୟ ସ୍ରୋତରେ ନିଜେ ସାମିଲ ହେବାସହ ଅନ୍ୟକୁ ସାମିଲ କରାଇ ସରକାରଙ୍କର ସମସ୍ତ ଯୋଜନାର ସୁଫଳ ନିଜେ ଗ୍ରହଣ କରିବା ସହ ଅନ୍ୟକୁ ସହଯୋଗ କରି ଖୋର୍ଦ୍ଧା ଜିଲ୍ଲାର ପାରମ୍ପାରିକ ସଂସ୍କୃତି ଓ ଇତିହାସ ଉଜ୍ଜୀବିତ ରଖିବା କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଡି ଆର୍ କେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୭ମ ଦିନ

ରାଫେଲ ରକେଟ୍ସ ୬୩ ରନରେ ବିଜୟୀ

ବାରିପଦା (ଅମୃତ ମିଡିଆ) : ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡି ଆର କେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡି ଆର କେ କପ ଦିବାରାତ୍ର ୨୦ - ୨୦ କ୍ରିକେଟ ଟୁର୍ଣ୍ଣଓମେଣ୍ଟର ୭ମ ଦିନର ମ୍ୟାଚରେ ରାଫେଲ ରକେଟ୍ସ ୬୩ ରନରେ ପରି ଚାଲେଞ୍ଜର୍ସକୁ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ରାଫେଲ ରକେଟ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ନିର୍ବିଶଙ୍କର ବାରିକ ୪୬, ପ୍ରୀତପାଲ ସିଂହ ୩୭, ଅମିତ ପରିଡା ୩୪ ଓ ରୁପମ ମହାନ୍ତି ୨୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ବିକ୍ରାନ୍ତ ସିଂହ ରାଜପୁତ ୨ ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ପରି ଚାଲେଞ୍ଜର୍ସ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ଡି କେ ନାୟକ ଓ ଅବିନାଶ ଖଣ୍ଡେଲୱାଲ ୨୫ ରନ ଲେଖାଏଁ ଏବଂ ମେରି ଲୋକନାଥ ୧୯ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିନ୍‌ହା ୪ ଟି ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ସୋମନାଥ ସିଂହ ଓ ବୁବୁ ସିନ୍‌ହା ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଡିସିବି ବ୍ୟାଙ୍କ ମ୍ୟାନେଜର ଦିବ୍ୟେଶ ମହାନ୍ତି ଓ ପୂର୍ବତନ କ୍ରିକେଟ ଖେଳାଳି ରାଜେନ୍ଦ୍ର ଜେନା (ମାମୁନି) ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ, ଆୟୋଜକ ଅମିତାଭ ଦାସ ଓ ସତ୍ୟନାରାୟଣ ଜୀଉ ଉପସ୍ଥିତ ଥିଲେ।

ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଓ ଗଜାନନ ବେଶ

ଆସିକା (ଅମୃତ ମିଡିଆ) : ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଏବଂ ଏନଏସିରେ ବିଜେ ଜଗନ୍ନାଥ ମନ୍ଦିର ମାନଙ୍କ ରେ ସାନ୍ନଯାତ୍ରା କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। ଆଜି ପ୍ରାତଃ ସମୟରୁ ମନ୍ଦିର ମାନଙ୍କ ରେ ସାନ୍ନ ଯାତ୍ରା ବା ଦେବ ସାନ୍ନ ପୂର୍ଣ୍ଣମା ବହୁ ଆଡମ୍ବରରେ ପାଳନ ହୋଇ ଯାଇଛି। ସକାଳୁ ସକାଳୁ ଦ୍ୱାରା ପିଠା ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୂଜାପଣ୍ଡା ମାନେ ସ୍ନାନ ବେଦୀକୁ ଆଣିଥିଲେ। ଏହି ସ୍ନାନ ବେଦିରେ ଜଗନ୍ନାଥଙ୍କ ଅବକାଶ, ମାଇଲମ, ତଡପ ଲାଗି ପରେ ବାଲଭୋଗ ଲାଗି କରିଥିଲେ। ମନ୍ଦିରର ପୂଜକ ମାନେ ସୁନ୍ଦର ଭାବେ ବିଭିନ୍ନ ପୁଷ୍ପ ଏବଂ ତୁଳସୀ ମାଳରେ ସୁ ସଜ୍ଜିତ କରି ବେଶ କରିଥିଲେ। ଏହାପରେ ଅଭି ମନ୍ତ୍ରିତ ୧୦୮ ଗଡା ଜଳକୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଇଥିଲେ। ଆସିକା ସହରର ସୁନାମ୍ନ ସାହିରେ ବିଜେ ଜଗନ୍ନାଥ ମନ୍ଦିର, ଖମ୍ବେଶ୍ୱରୀ ପାଟଣା ରେ ବିଜେ ଜଗନ୍ନାଥ ମନ୍ଦିର, ଲାଲା ଗୋର୍ଜି ଛକ, ମୁନି ସାହିରେ ବିଜେ ଜଗନ୍ନାଥ ମନ୍ଦିର, ଏବଂ କାଳଷଣ୍ଢ ପୁର, ନଳ ବଣ୍ଟା, ଜୟପୁର, ଚିନି ଶିଳ୍ପ ନୁଆଗାଁ, ବାଦଗଡ଼ ଗ୍ରାମରେ ବିଜେ ପୁରାତନ ଜଗନ୍ନାଥ ମନ୍ଦିରମାନଙ୍କ ରେ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତ ମନ୍ଦିରରେ ପଣ୍ଡା, ପୂଜକ,ଏବଂ ପରିଚାଳନା କମିଟି ପକ୍ଷରୁ ସ୍ନାନ ଯାତ୍ରା ନିମନ୍ତେ ସ୍ୱତନ୍ତ୍ର ପୂଜା ନୀତି ବ୍ୟବସ୍ଥା କରିଥିଲେ। ଭକ୍ତମାନଙ୍କ ଦର୍ଶନ ଓ ଭୋଗ ନିମନ୍ତେ ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ସମୟରେ ଚତୁର୍ଦ୍ଧା ମୂର୍ତ୍ତିକୁ ଗଜାନନ ବେଶରେ ବେଶ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ସମୟରେ ଜଗନ୍ନାଥ, ବଲଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଭଗବାନଙ୍କୁ ଏକ ସ୍ୱତନ୍ତ୍ର କୋଠରୀରେ ବିଶ୍ରାମ କରାଯାଇଥିଲା।

ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ

ବାରିପଦା (ଅମୃତ ମିଡିଆ) : ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କତୃପକ୍ଷଙ୍କ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମ୍ବନ୍ଧୀୟ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ତା ୧୮.୦୬.୨୦୨୫ ରିଖରେ ଜିଲ୍ଲାର ସମସ୍ତ ବ୍ଲକ, ବିଜ୍ଞାପିତ ଅଞ୍ଚଳ ଓ ପୌରପରିଷଦରେ ହେବାକୁ ଥିବା ଟେବୁଲ ଟପ ଏକ୍ସରସାଇଜ ଓ ତା ୧୯.୦୬.୨୦୨୫ ରିଖ ରେ ଜିଲ୍ଲାରେ ଥିବା ୧୦ ଗୋଟି ବହୁମୁଖି ବନ୍ୟା ଆଶ୍ରୟସ୍ଥଳୀରେ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସ୍ତରୀୟ ବୈଠରେ ଡିପିଓ ଜଗବନ୍ଧୁ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ. ଜିଲ୍ଲା ଜରୁରୀ ଅଧିକାରୀ ଶ୍ରଦ୍ଧା ସୁମନ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ବ୍ଲକ, ଗ୍ରାମପଞ୍ଚାୟତ, ସ୍ୱେଚ୍ଛାସେବୀ ସଂଗଠନ ଓ ଲୋକ ପ୍ରତିନିଧି ମାନଂକ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହିତ ଅଗ୍ନିଶମ ବିଭାଗ ତା ୧୮.୦୬.୨୦୨୫ ରିଖ ପୂର୍ବରୁ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ଥିବା ଉପକରଣ ଗୁଡିକର ଉପଯୁକ୍ତ ପରୀକ୍ଷା କରି ତାର ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ. ସାମାଜିକ କର୍ମୀ ବିବେକାନନ୍ଦ ପଟ୍ଟନାୟକ ବନ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ସମୟପୋଯୋଗୀ କରାଯିବା ସହିତ ତାର ସୁରକ୍ଷା ଓ ଉପକରଣଗୁଡ଼ିକର ନିୟମିତ ଯାଞ୍ଚ ସହିତ ସୌରଶକ୍ତି ସୁବିଧା ଉପଲବ୍ଧ କରିବାକୁ ଅନୁରୋଧ କରିଥିଲେ. ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମର ସମୀକ୍ଷା କରିଥିବା ବେଳେ, ଉପସ୍ଥିତ ଲାଇନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସବୀ ସଙ୍ଗଠନର ପ୍ରତିନିଧି, ସମସ୍ତ ବନ୍ୟା ଆଶ୍ରୟସ୍ଥଳୀର ସଚିବ ଓ ସଭାପତି ମାନେ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ. ଶେଷରେ ଡିପିଓ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଶେଷହେଲା ଅଲଚିକି ପରୀକ୍ଷା

ବାରିପଦା (ଅମୃତ ମିଡିଆ) : ସାନ୍ତାଳି ଏକାଡେମୀ, ଓଡିଶା ମାଧ୍ୟମରେ ରାଜ୍ୟ ତଥା ପଡୋଶୀ ରାଜ୍ୟମାନଙ୍କରେ ଚଳିତ ମାସ ସାତ ତାରିଖରୁ ଅଲଚିକି ପରୀକ୍ଷା ଆରମ୍ଭ ହୋଇ ଆଜି ଶେଷ ହୋଇଯାଇଛି। ଏହି ସାନ୍ତାଳି ଏକାଡେମୀ ମାଧ୍ୟମରେ ମୟୁରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧିନରେ ଥିବା ବିଭିନ୍ନ ପରୀକ୍ଷା କେନ୍ଦ୍ର ମାନଙ୍କରେ ଛାତ୍ରଛାତ୍ରୀମାନେ ଅଲଚିକି ପରୀକ୍ଷା ଦେଉଥିବାର ଦେଖିବାକୁ ମିଳିଥିଲା। ପୁରିନ୍ଦା ପଞ୍ଚାୟତ ଅଧିନ ଅମଣିନ୍ଦାରେ ଥିବା ମାରେ ହାପ୍ଲାମ୍ ଅଲ ଇତୁନ ଆଶ୍ଲା ପକ୍ଷରୁ ଅମଣିନ୍ଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ଗଡଦେଳିଆ ପଞ୍ଚାୟତର ଲାଖବିନ୍ଧାରେ ଥିବା ବୀର ବିର୍ସା ଅଲ ଇତୁନ ଆଶ୍ଲା ଓ ରଘୁପୁର ପଞ୍ଚାୟତର ବେଲଡିହାରେ ଥିବା ବିନ୍ଦୁ ଚାନ୍ଦାନ୍ ଅଲ୍ ଇତୁନ୍ ଆଶ୍ଲା ପକ୍ଷରୁ ୪୦ ଜଣ ଛାତ୍ରଛାତ୍ରୀ ଗଡଦେଉଳିଆରେ ଥିବା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ବେଳେ ଉକ୍ତ ପଞ୍ଚାୟତ ଭାନୁପୁର ରେ ଥିବା ଶର୍ମା ସେଚେଦ୍ ଅଲ ଇତୁନ ଆଶ୍ଲା ପକ୍ଷରୁ ୧୮ ଜଣ ଛାତ୍ରଛାତ୍ରୀ ଭାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଅମଣିନ୍ଦାରେ ଥିବା ମାରେ ହାପ୍ଲାମ୍ ଅଲ ଇତୁନ ଆଶ୍ଲାର ପ୍ରଧାନ ଶିକ୍ଷକ ଭାବେ ଚତୁର୍ଭୁଜ ମୁର୍ମୁ ଥିବା ବେଳେ ଅନନ୍ତ ବାସ୍କେ ଓ ଗୟା ସୋରେନ ସହ ଶିକ୍ଷକ କାର୍ଯ୍ୟ ତୁଲାଉ ଥିଲେ। ବିନ୍ଦୁ ଚାନ୍ଦାନ ଅଲ ଇତୁନ ଆଶ୍ଲା, ବେଲଡିହାର ଶିକ୍ଷକ ଭାବେ ବିଟଲ ମୁର୍ମୁ, ଅନନ୍ତ ମାଝି ଓ ମାଧବୀ ମାଝି ସେହିପରି ବୀର ବିର୍ସା ଅଲ ଇତୁନ ଆଶ୍ଲାରୁ ଶିକ୍ଷକ ଚାନା କିସ୍କୁ, ନରେନ୍ଦ୍ର ଟୁଡୁ, ସରସ୍ୱତୀ ମାଝି, ଲକ୍ଷ୍ମୀଧର ମାଝି, ଶୁକ୍ଲୁଲ ମାରାଣ୍ଡି ଥିବା ବେଳେ ଶର୍ମା ସେଚେଦ୍ ଅଲ ଇତୁନ ଆଶ୍ଲା, ଭାନପୁରରେ କୈଳାଶ ଚନ୍ଦ୍ର ମୁର୍ମୁ, ସମ୍ବରାୟ ହେମ୍ବ୍ରମ ଓ ଜଗନ୍ନାଥ ହେମ୍ବ୍ରମ ଶିକ୍ଷକ ଭାବେ ଥିଲେ।

ଲକ୍ଷାଧିକ ଟଙ୍କାର ଗଂଜେଇ ଜବତ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ସ୍ଥିତ କଫିବାର ନିକଟରୁ ଏକ ଗଂଜେଇ ଗାଡ଼ିକୁ ଚୌଦ୍ୱାର ପୁଲିସ୍ ପକ୍ଷରୁ ଜବତ କରାଯାଇଥିବା ଜଣାପଡ଼ିଛି। ଗୋଟିଏ ଇନୋଭା ଗାଡ଼ିରେ ଗଂଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ବିଶେଷସୂତ୍ରରୁ ଖବର ପାଇ ଜୋନ୍‌ୱାନ୍ ଏସିପି ଅରୁଣ ସ୍ୱାଇଁ ଓ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଂଜନ ସାହୁଙ୍କ ସହ ଏକ ପୁଲିସ୍ ଟିମ୍ ଉକ୍ତ କଫିବାର ନିକଟରେ ଉକ୍ତ ଗାଡ଼ିକୁ ଅଟକାଇବା ସହ ଛାନ୍‌ଭିନ୍ କରିବା ପରେ ସେଥିରୁ ପ୍ରାୟ ୨କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଂଜେଇ ଜବତ ହୋଇଥିବା ଜଣାପଡ଼ିଛି। ପୁଲିସ୍ ପକ୍ଷରୁ ଗଂଜେଇ ଚାଲାଣରେ ବ୍ୟବହୃତ ଗାଡ଼ି ଓ ଏହି ଗାଡ଼ିକୁ ଏସ୍କର୍ଟ କରି ନେଉଥିବା ଅନ୍ୟ ଏକ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଥିବା ନେଇ ସୂଚନା ମିଳିଛି।

ଗ୍ରାମ୍ୟ ଉନ୍ନୟନ ଅଫିସ ଘେରିଲା ଭଞ୍ଜସେନା

୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ତାଲାବନ୍ଦ ଆନ୍ଦୋଳନ

ବାରିପଦା (ଅମୃତ ମିଡିଆ) : ମୟୁରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ବରିଷ୍ଠ ଅଧିକାରୀଙ୍କ ଜ୍ଞାତସାରରେ ସମଗ୍ର ଜିଲ୍ଲାରେ ଚାଲୁରହିଥିବା ଦୁର୍ନୀତି ବାବଦରେ ବହୁବାର ରାଜ୍ୟ ସରକାରଙ୍କୁ ଅବଗତ କରିବାପରେ ମଧ୍ୟ କୌଣସି କାର୍ଯ୍ୟନୁଷ୍ଠାନ ନହେବା ପ୍ରତିବାଦରେ ୧୧ ତାରିଖ ପୂର୍ବହ୍ନରେ ଭଞ୍ଜସେନା ପକ୍ଷରୁ ଗାଙ୍ଗରାଜ ସ୍ଥିତ ବାରିପଦା ଗ୍ରାମ୍ୟ ଉନ୍ନୟନ ମଣ୍ଡଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଓ କରାଯାଇଥିଲା। ଯଦି ଆଗାମୀ ୧୫ ଦିନ ମଧ୍ୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରିଙ୍କ କାର୍ଯ୍ୟକଳାପ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସକାଶେ ସରକାରୀ ସ୍ତରରୁ କୌଣସି ଘୋଷାଣା କରାନଯାଏ ତେବେ ପୁନର୍ବାର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରେ ତାଲାବନ୍ଦ ଆନ୍ଦୋଳନ କରାଯିବ ବୋଲି ଭଞ୍ଜସେନା ପକ୍ଷରୁ କୁହାଯାଇଛି। ଭଞ୍ଜସେନାର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ହୋଇଥିବା ଘେରାଓ କାର୍ଯ୍ୟକ୍ରମରେ ଜିଲ୍ଲା ଅଧକ୍ଷ ସଂଜୀବ ରାଉତ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, ଅମିତ୍ କୁମାର, ସଞ୍ଜୟ ମାହାନା,ଦେବାଶିଷ ଦାସ, ସୁନୀଲ ମହାପାତ୍ର, କୃପାସିନ୍ଧୁ ସେନାପତି, ଦୀପକ କୁମାର ବେହେରା, ଗୌରାଙ୍ଗ ଘଡ଼େଇ, ପ୍ରଦୀପ ପଣ୍ଡା, ସତ୍ୟ ପୃଷ୍ଟି, ସମ୍ପଦ ପୃଷ୍ଟି, ରୁଦ୍ର ପଟ୍ଟନାୟକ, ପଙ୍କଜ ପରିଡ଼ା, ଶମ୍ଭୁ ଗୋପାଲ ପ୍ରମୁଖଙ୍କ ସହିତ ତିନି ଶହରୁ ଊର୍ଦ୍ଧ୍ୱ ଯୁବଛାତ୍ର ସଂଗଠକ ସାମିଲ ଥିଲେ। ଏହି ଅବସରରେ